# Akashvani, Sambalpur

## SAMBALPURI NEWS EVENING BULLETIN

**9 February 2025- 7.02 pm- 7.12 pm.**

*********************************************

୧- ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ଦେଶ୍‌କେ ଆଏବା ବଛର୍ ମାର୍ଚ୍ଚ ମାସ୍‌ତକ୍ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ- କହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

୩- ରାଏଜେ ସ୍ୱାସ୍ଥ୍ୟ, ଫାର୍ମା ଆର୍ ବାୟୋ ଟେକ୍ନୋଲୋଜି କ୍ଷେତ୍ର ନ ୪ ହଜାର୍ ୩ ଶହ କୋଟିନୁ ଅଏତ୍‌କା ଟଙ୍କା ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଆସିଛେ- କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଭାରତ୍ - ଇଂଲଣ୍ଡ୍ ଭିତ୍‌ରେ ଚାଲିଛେ ଦିନ୍‌କିଆ କ୍ରିକେଟ୍ ମେଚ୍ ।

- ଭାରତ୍‌କେ ମିଲିଛେ ୩ ଶହ ୫ ରନ୍‌ର ଟାର୍ଗେଟ୍ ।

ପରୀକ୍ଷା ପେ ଚର୍ଚ୍ଚା          ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା କାଏଲ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ କଥାବାର୍ତା କର୍‌ବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ କର୍‌ବେ ।

ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚାର ୮ ନମ୍ବର୍ ଖେପ୍ ହେବା । ଇତାକେ  ଭିନ୍ ଭିନ୍ ବିଷେଥି ୮ଟା ଶୃଙ୍ଖଳାଥି ପ୍ରସାରଣ କରାଯିବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି କରାହେବା ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ପରୀକ୍ଷା ଗୁଟେ ଉତ୍ସବ୍ ବାଗିର୍ ଲାଗୁଛେ ବଲି ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୧ ସମ୍ବଲ୍‌ପୁର୍‌ର ଛାତ୍ରୀ ସୌମ୍ୟାଶ୍ରୀ ପ୍ରଧାନ କହିଛନ୍,

(ଭଏସ୍ ଓଭର୍- ୧- ଛାତ୍ରୀ)

ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ବାବ୍‌ଦେ ସମ୍ବଲ୍‌ପୁର୍ କେନ୍ଦ୍ରୀୟ ବିଦ୍ୟାଳୟର୍ ଶିକ୍ଷକ୍ ବୀର୍‌ମଲ୍ ନାଗ୍ କହିଛନ୍,
(ଭଏସ୍ ଓଭର୍-୨- ଶିକ୍ଷକ)

ରାଷ୍ଟ୍ରପତି - ମହାକୁମ୍ଭ ଏନ୍‌ଏସ୍‌ଡି

ଉତର୍‌ପ୍ରଦେଶ୍‌ର ପବିତ୍ର ପ୍ରୟାଗ୍‌ରାଜ୍ ଠାନେ ଚାଲୁଥିବା ମହାକୁମ୍ଭ ୨୦୨୫ ଥି ଆଏବା କାଏଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେବେ । ତ୍ରିବେଣୀ ସଂଗମ୍ ନ ବୁଡ୍ ପକାବାର୍ ସହେତେ ରାଷ୍ଟ୍ରପତି ଅକ୍ଷୟବଟ ଆର୍ ବଡ୍ ହନୁମାନ୍ ମନ୍ଦିର୍ ନ ଦର୍ଶନ୍ ଆର୍ ପୂଜାର୍ଚ୍ଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ଉତର୍‌ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଭିଲ୍ ଉପସ୍ଥିତ୍ ରହେବେ ।

ରାଜ୍ୟପାଲ୍ I&PR

ଶିକ୍ଷା ପ୍ରଗତିଶୀଲ୍ ସମାଜ୍‌ର ଭିତିଭୂମି ଆର୍ ଛାତ୍ରୀଛାତ୍ରୀମାନେ ଦେଶ୍ ନିର୍ମାଣ୍‌ର ଧାରକ୍ ହେବାର୍‌କେ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ପରାମର୍ଶ ଦେଇଛନ୍ । ପୁରୀ ଜିଲ୍ଲାର୍

ବୀର୍‌ନରସିଂହପୁର୍‌ର ଭାର୍ଗବୀ ଉଚ୍ଚବିଦ୍ୟାଳୟର୍ ହୀରକ ଜୟନ୍ତୀ ସମାରୋହକେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ବିଦ୍ୟାଳୟ ଜୀବନ୍ ଛୁଆମାନ୍‌କର୍ ଲାଗି ସବୁନୁ ଭଲ୍ ସମିଆ ଆଏ । ଶିକ୍ଷା ଖାଲି ପରୀକ୍ଷାଥି ଭଲ୍ ନମ୍ବର୍ ରଖିବାର୍ ଲାଗି ନୁହେଁସେ, ଗୁଟେ ସୁନ୍ଦର୍ ଭବିଷ୍ୟତ୍ ଗଢ଼୍‌ବାର୍ ସୁଯୋଗ୍ ଦେସି ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମପାଟି କହିଛନ୍ । ସମାରୋହଥି ଭାର୍ଗବୀ ସୌରଭ ସ୍ମରଣିକାକେ ଭିଲ୍ ରାଜ୍ୟପାଲ୍ ଉନ୍ମୋଚନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମାଓବାଦୀ ଗୁଳି ମରାମରି ଆର୍‌ଏନ୍‌ୟୁ/ କଟକ୍

ଦେଶ୍‌କେ ୨୦୨୬ ମସିହା ମାର୍ଚ୍ଚ ମାସ୍‌ତକ୍ ନକ୍ସଲ୍ ମୁକ୍ତ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ଛତିଶ୍‌ଗଡ୍‌ର ବିଜାପୁର୍ ଠାନେ ପୁଲିସ୍ ଆର୍ ମାଓବାଦୀମାନ୍‌କର୍ ଭିତ୍‌ରେ ଗୁଳି ମରାମରିଥି ୩୧ ଝନ୍ ମାଓବାଦୀଙ୍କର୍ ଜୀବନ୍ ଯାଇଛେ । ଇଟା ନକ୍ସଲ୍‌ମୁକ୍ତ ଭାରତ୍ ଗଠନ୍ ଦିଗେ ଗୁଟେ ବଡ଼ ପଦକ୍ଷେପ୍ ବଲି ଶ୍ରୀ ଶାହା ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍, ପୁଲିସ୍‌ର ଇ ଅଭିଯାନ୍‌ଥି ୨ ଝନ୍ ଜବାନ୍ ଶହୀଦ୍ ହେଇଛନ୍ । ଦେଶ୍ ସବୁବେଲେ ତାଙ୍କର୍ ପାଖେ ଋଣୀ ରହେବା । ଶ୍ରୀ ଶାହା ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେବାର୍ ସହେତେ ସେମାନ୍‌କର୍ ପରିବାର୍‌ବର୍ଗଙ୍କୁ ସମବେଦନା ଜନେଇଛନ୍ ।

ରାସନ୍ କାର୍ଡ୍ ଇ-କେୱାଇସି ଆର୍‌ଏନ୍‌ୟୁ/

ରାସନ୍ କାର୍ଡ଼ ଲାଗି ଇ-କେଓ୍ୱାଇସି ପ୍ରକ୍ରିୟା କର୍‌ବାର୍ ସମିଆ ଆଏବା ୧୫ ତାରିଖ୍ ଦିନ ଶେଷ୍ ହେଉଥିବାର୍‌ନୁ ରାଜ୍ୟ ସର୍‌କାର୍ ଇତାର୍ ଉତ୍‌ରୁ ଆଉ ଇ-କେଓ୍ୱାଇସି ସମିଆକେ ନାଇଁ ବଢ଼ାନ୍ ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇହାଦେତକ୍ ରାଜ୍ୟର୍ ୩୭ ଲାଖ୍ ୮୫ ହଜାର୍ ୪ ଶହ ୯୬ ଝନ୍ ଇ- କେଓ୍ୱାଇସି ନାଇଁ କରି । ଆଏବା ୬ ଦିନ୍ ଭିତ୍‌ରେ ଇ-କେଓ୍ୱାଇସି କର୍‌ବାର୍‌କେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅନୁରୋଧ୍ କରିଛନ୍ । ଯେନ୍‌ମାନେ ଇ-କେଓ୍ୱାଇସି ନାଇଁ କରିପାର୍‌ବେ ସେସବୁ କାର୍ଡ଼୍‌ମାନ୍‌କୁ କାଟି ଦିଆଯିବା । ଇ ସମିଆ ଭିତ୍‌ରେ ୬ ଲାଖ୍ ନୂଆଁ ହିତାଧିକାରୀ ଆବେଦନ୍ କରିଛନ୍ । ଅଯୋଗ୍ୟ ହିତାଧିକାରୀ କାର୍ଡ଼ ନେଇଥିବାର୍ ଲିଖିତ୍ ଅଭିଯୋଗ୍ ହେଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ସ୍ୱାସ୍ଥ୍ୟ, ଫାର୍ମା ଆର୍ ବାୟୋ ଟେକ୍ନୋଲୋଜି କ୍ଷେତ୍ର ନ ୪ ହଜାର୍ ୩ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଆସିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ କେନ୍ଦୁଝର୍ ଧରଣୀଧର୍ ମେଡ଼ିକାଲ୍

କଲେଜ୍ ନ ରାଜ୍ୟ ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏସନ୍-ଆଇଏମ୍ଏ ର ୭୪ ନମ୍ବର୍ ବାର୍ଷିକ୍ ସମ୍ମଳନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ରାଏଜେ ସ୍ୱାସ୍ଥ୍ୟ ସେବା ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍ଦେ ସୂଚ୍ନା ଦେଇକରି କହିଛନ୍, ଆଏବା ୫ ବଛର୍ ଭିତ୍ରେ ୧୧ ଟା କେନ୍ସର୍ ସେବା କେନ୍ଦ୍ର ଥାପ୍ନା କରାଯିବା । ଇଥିର୍ଲାଗି ୧ ହଜାର୍ ୪୬ କୋଟି ଟଙ୍କା ଖର୍ଚ୍ଚା କରାଯିବା । ସେ କହିଛନ୍ ଯେ, କେନ୍ଦୁଝର ଧରଣୀଧର୍ ମେଡ଼ିକାଲ୍ କଲେଜ୍ ନ ଗୁଟେ ଟ୍ରମା କେୟାର୍ ସେଂଟର୍ ଖୁଲ୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ରାଜ୍ୟ ସର୍କାର୍ ମିଶନ୍ ମୋଡ୍ଥି ଖାଲି ପଦ୍ବୀ ପୁରା କରୁଥିବାର୍ନୁ ଗଲା ୮ ମାସ୍ ଭିତ୍ରେ ୨୬ ହଜାର୍ ୩ ଶହ ସର୍କାରୀ ପଦ୍ବୀ ପୂରଣ୍ କରାଯାଇଛେ ବଲି ସେ କହିଛନ୍ ।

ରାଷ୍ଟ୍ରୀୟ ଖେଲ୍ ସମାରୋହ ହି.ସ.

ଗାଁ ଗହଲର୍ ଛୁଆମାନ୍କର୍ ଭିତ୍ରେ ଥିବା ଆଂଚଲିକ୍ ଖେଲ୍କୁଦ୍ ପ୍ରତିଭାକେ ଜାତୀୟସ୍ତର୍ ନ ପୁହୁଁଚାବାର୍ ଉଦ୍ଦେଶ୍ଥି କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୩ ଦିନିଆ ରାଷ୍ଟ୍ରୀୟ ଖେଲ୍ ସମାରୋହର ଆଏଜ୍ ୨ ନମ୍ବର୍ ଦିନ୍ । ଏକଲ୍ ସ୍କୁଲ୍ ଅଭିଯାନ୍ଥି ଇ ବଛର୍

ପହେଲାଥର୍ ଲାଗି ରାଏଜେ ଇ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଇଛେ । ଇଥି ଭିନ୍ ଭିନ୍ ପ୍ରତିଯୋଗିତାଥି ଦେଶର ୨୮ ଟା ରାଜ୍ୟର୍ ୧୨ ଶହ ନୁ ଅଏତ୍କା ଛୁଆ ଭାଗ୍ ନେଇଛନ୍ । ଆଏବାକାଏଲ୍ ଉଦ୍ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଖେଳାଳୀମାନ୍କୁ ପୁରସ୍କୃତ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ନିଟ୍- ୟୁଜି ଆର୍ଏନ୍ୟୁ/ ସମ୍ବଲ୍ପୁର୍

ନେସ୍ନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍ଟିଏ ପରିଚାଳିତ୍ ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ଆଏବା ମେ ମାସର୍ ୪ ତାରିଖ୍ଥି ହେବା । ଇ ପରୀକ୍ଷା ଦୁଇପହରର୍ ୨ ବଜେନୁ ମୁଲ୍ ହେଇକରି ୫ ବଜେତକ୍ ଚାଲ୍ବା । ଇଥିର୍ଲାଗି ଆବେଦନ୍ ପ୍ରକ୍ରିୟା ଗଲା ଶୁକ୍ରବାର୍ନୁ ମୁଲ୍ ହେଇଥିବାର୍ ବେଲେ ଆଏବା ମାସର୍ ୭ ତାରିଖ୍ ଆବେଦନ୍ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଏପ୍ରିଲ୍ ୨୬ ତାରିଖ୍ତକ୍ ପରୀକ୍ଷା କେନ୍ଦ୍ରମାନ୍କର୍ ନାଁ ଘୋଷ୍ନା ହେବାର୍ ସହେତେ ମେ ପହେଲାନୁ ଏଡ୍ମିଟ୍ କାର୍ଡ଼ ମିଲ୍ବା ବଲି ଏନ୍ଟିଏ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଭାରତ୍-ଇଂଲଣ୍ଡ କ୍ରିକେଟ୍ ମେଚ                    ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଭାରତ୍-ଇଂଲଣ୍ଡ ଦିନ୍‌କିଆ ଆନ୍ତର୍ଜାତୀୟ କ୍ରିକେଟ୍ ମେଚ୍ ଚାଲିଛେ । ୩ ଟା ମେଚ୍ ଥିବା ଦିନ୍‌କିଆ ଶୃଙ୍ଖଲାର୍ ଆଏଜ୍ ୨ ନମ୍ବର୍ ମେଚ୍‌ଥି ଇଂଲଣ୍ଡ ଟସ୍ ଜିତିକରି ପହେଲା ବେଟିଂ କରିକରି ୪୯ ଓଭର୍ ୫ ଟା ବଲ୍‌ଥି ସବୁ ୱିକେଟ୍ ହରେଇକରି ୩ ଶହ ୪ ରନ୍ କରିଛେ । ଖବର୍ ବନାବାର୍‌ତକ୍ ଭାରତ୍ ୮ ଓଭର୍‌ଥି  କେନ୍‌ସି ୱିକେଟ୍ ନାଇଁ ହରେଇକରି ୬୪ ରନ୍ କରିଛେ ।

ବାଉଁଶୁଣି ଲୋକ୍‌ମହୋତ୍ସବ୍ ଉଦ୍‌ଘାଟିତ   ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବାଉଁଶୁଣି ହାଇସ୍କୁଲ୍ ଖେଲ୍‌ପଡ଼ିଆ ନ ବାଉଁଶୁଣି ଲୋକ୍‌ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ ମା ମାଣିକେଶ୍ୱରୀ ମନ୍ଦିର୍‌ନୁ ମଶାଲ୍ ଆର୍ ସାଂସ୍କୃତିକ୍ ଶୋଭାଯାତ୍ରା ସହର୍ ବୁଲିଥିଲା । କାର୍ଯ୍ୟକ୍ରମ୍‌ଥି କଂଟାମାଲ୍

ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଥିଲେ ।

ସୁବର୍ଣ୍ଣପୁର୍ ମାଘମେଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଖଲିଆପାଲି ଠାନେ ଥିବା ସନ୍ଥ କବି ଭୀମଭୋଇଙ୍କର୍ ସମାଧୀ ପୀଠ ନ ଆଏଜ୍ ବେଲ୍‌ବୁଡୁ ପବିତ୍ର ମାଘମେଳା ମୁଲ୍ ହେଉଛେ । ସମାଧୀ ପୀଠ ନ ଭକ୍ତମାନେ ସୂର୍ଯ୍ୟପୂଜା କରିକରି ଧୂନୀ ଥାପ୍‌ନା ଆର୍ ଅଖଣ୍ଡ ଜ୍ୟୋତିକେ ଜଲେଇଛନ୍ । ଇ ଅବ୍‌ସରେ ପୀଠ ପରିସର୍ ନ ଭଜନ୍ କୀର୍ତନ୍ ମୁଲ୍ ହେଇଛେ । ଆଏବା ମାଘ୍‌ପୁନିତକ୍ ହେବାର୍‌କେ ଥିବା ଇ ମାଘ୍ ମେଳାଥି ସାରସ୍ୱତ ସମାରୋହ, କବିଙ୍କର୍ ସମାଧି ମନ୍ଦିର୍ ଦର୍ଶନ୍ ଲାଗି ଭକ୍ତଙ୍କର୍ ଭିଡ଼୍‌କେ ନଜର୍‌ଥି ରଖିକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।

ସେଆଡ଼େ ଜିଲ୍ଲା ସଂସ୍କୃତିଭବନ୍ ପ୍ରେକ୍ଷାଳୟ ଠାନେ ମୁଲ୍ ନିବାସୀ ସାହିତ୍ୟ ଆଖଡ଼ା ତର୍‌ଫୁ ସାରସ୍ୱତ ସମାରୋହ ମାଘମେଳି ହେଇଯାଇଛେ । ଇଥି ସନ୍ଥକବି ଭୀମଭୋଇଙ୍କର୍ ସାହିତ୍ୟ, ଦର୍ଶନ୍ ଆର୍ ଜୀବନ୍ ସହେତେ ମହିମାଧର୍ମ ଉପ୍‌ରେ ଆଲୋଚନା କରାଯାଇଥିଲା ।

ସିଆର୍ଏସ୍ଆଇ କାଂସ୍ୟ ପଦକ      ଆର୍ଏନ୍ୟୁ/ସମ୍ବଲ୍ପୁର୍

ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଲୟର୍ ରସାୟନ୍ ବିଜ୍ଞାନ୍ ବିଭାଗ୍ର ସହକାରୀ ପ୍ରଫେସର୍ ଡକ୍ଟର୍ ହୀରକ୍ ଚକ୍ରବର୍ତ୍ତୀଙ୍କୁ ସିଆର୍ଏସ୍ଆଇ କାଂସ୍ୟ ପଦକ୍ ମିଳିଛେ । ଭାରତୀୟ ରସାୟନ୍ ବିଜ୍ଞାନ୍ ଆର୍ ଗବେଷଣା ସଂସ୍ଥାନ୍ ତର୍ଫୁ ଯୁବ ଗବେଷକ୍ମାନ୍କୁ ଗବେଷଣା କ୍ଷେତ୍ରଥି ଉତ୍କର୍ଷତା ଲାଗି ଇ ପଦକ୍ ଦିଆଯାଏସି । ସେଆଡ଼େ ଇ ବଛର୍ ସିଆର୍ଏସ୍ଆଇ ଲାଗି ଡକ୍ଟର୍ ଚକ୍ରବର୍ତ୍ତୀଙ୍କୁ କାଂସ୍ୟପଦକ୍ ଦିଆଯାଇଛେ ।

ବୌଦ୍ଧ ଜିଲ୍ଲା ସବ୍ଜେଲ୍-ଦକ୍ଷତା ବିକାଶ୍ ତାଲିମ/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସବ୍ଜେଲ୍ ନ ଦକ୍ଷତା ବିକାଶ୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଛେ । ଜେଲ୍ର ଅନ୍ତେବାସୀମାନ୍କୁ ଆତ୍ମନିର୍ଭର୍ଶୀଲ୍ ହେବାର୍ ଲାଗି ଇ ତାଲିମ୍ ଦିଆଯାଉଛେ । ଜିଲ୍ଲାପାଲ୍, ଜିଲ୍ଲାଜଜ୍ଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଜେଲ୍ ବୁଲିକରି ଇ ତାଲିମ୍ କାର୍ଯ୍ୟକ୍ରମ୍ର ତଦାରଖ୍ କରିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏଜ୍ ରାଏଜର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ସବୁ ନ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ରହିଥିଲା । ଆଏଜ୍ ରାଜ୍ୟର୍ ଦିନର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୩୪ ଦଶ୍‌ମିକ୍ ୪ ଆର୍ ମାଲ୍‌କାନ୍‌ଗିରି ନ ୩୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।